**ଓଡ଼ିଶା ସରକାର**

**ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ**

**<u>ପ୍ରେସ୍ ବିବୃତ୍ତି</u>**

**ତାରିଖ.୨୦.୦୫.୨୦୨୧**

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀଯୁକ୍ତ ପ୍ରଦୀପ ଜେନା ରାଜ୍ୟର ପ୍ରଭାବିତ ହେବାର ସମ୍ଭାବନା ଥିବା ଜିଲ୍ଲାଗୁଡିକର ଜିଲ୍ଲାପାଳ, ପୋଲିସ୍ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ଅଗ୍ନିଶମ ସେବା ଅଧିକାରୀଙ୍କ ସହ ପ୍ରାକ୍ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଗଞ୍ଜାମ, ମୟୁରଭଞ୍ଜ, ଯାଜପୁର, ନୟାଗଡ, ଖୋର୍ଦ୍ଧା, କଟକ, ଗଜପତି ଜିଲ୍ଲାର ବିଭିନ୍ନ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସମ୍ଭାବ୍ୟ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ସମସ୍ତ ବିପଦସଂକୁଳ, ତଳୁଆ ଅଂଚଳର ଜନସାଧାରଣଙ୍କୁ ଚିହ୍ନଟ କରି ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳ/ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳୀଗୁଡିକରେ ଜଳ ଯୋଗାଣ ବ୍ୟବସ୍ଥା, ଜେନେରେଟର ଓ ଇନ୍ଧନ, ଇନଫ୍ଲାଟେବୁଲ ଟାୱାର ଲାଇଟ୍, ଚେନ ସ ଇତ୍ୟାଦି କାର୍ଯ୍ୟକ୍ଷମ ଥିବା ସୁନିଶ୍ଚିତ କରାଯିବ। ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀ ସମେତ ଅନ୍ୟାନ୍ୟ ନିରାପଦ ଆଶ୍ରୟସ୍ଥଳୀଗୁଡିକର ଉତ୍ତମ ପରିଚାଳନା ଓ ସଂଯୋଜନା ନିମନ୍ତେ ଶିକ୍ଷକ, ଭିଏଲଡବ୍ଲୁ, ଜିପିଇଓ ଇତ୍ୟାଦିଙ୍କୁ ନେଇ ଗଠିତ ତିନିଜଣିଆ ଦଳକୁ ତାଲିମ୍ ଦିଆଯିବ। ଏହି ଅଧିକାରୀମାନଙ୍କର ନାମ, ମୋବାଇଲ ନମ୍ବର ଏବଂ ପଦବୀ ସମ୍ବନ୍ଧରେ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଇ ରଖାଯିବ।

ସ୍ଥାନାନ୍ତରଣ ସମୟରେ ବିଶେଷକରି ବୃଦ୍ଧବୃଦ୍ଧା, ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ, ମହିଳା ଏବଂ ଶିଶୁମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।

ସଂପ୍ରତି କୋଭିଡ୍-୧୯ ପରିସ୍ଥିତିରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ, ଅତିରିକ୍ତ ନିରାପଦ କୋଠା ଚିହ୍ନଟ କରିବାକୁ ସୁନିଶ୍ଚିତ କରାଯିବ। ଏହି କୋଠାଗୁଡିକରେ ବିଦ୍ୟୁତ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଇତ୍ୟାଦି ରହିଥିବା

ଆବଶ୍ୟକ। ଆଶ୍ରୟସ୍ଥଳଗୁଡିକର ପରିସର ଏବଂ ଶୌଚାଳୟର ସଫେଇ ନିମନ୍ତେ କର୍ମଚାରୀ ନିଯୁକ୍ତ କରିବା ସହ ହ୍ୟାଣ୍ଡୱାସ, ସାନିଟାଇଜର, ସାବୁନ, ବ୍ଲିଚିଂ ପାଉଡର, ଫିନାଇଲ, ପ୍ରାଥମିକ ଚିକିତ୍ସା ବାକ୍ସ ଇତ୍ୟାଦି ବ୍ୟବସ୍ଥା କରାଯିବ। ଆଶ୍ରୟସ୍ଥଳୀରେ ଥିବା ସମସ୍ତ ଜନସାଧାରଣଙ୍କ ପାଇଁ ମାସ୍କ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

ଆଶ୍ରୟସ୍ଥଳୀରେ ରହିବା ଏବଂ ସ୍ଥାନାନ୍ତର ସମୟରେ ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସ୍ଥାନାନ୍ତର, ଆଶ୍ରୟସ୍ଥଳୀରେ ରହିବା ଓ ରନ୍ଧାଖାଦ୍ୟ ବଂଟନ ସମୟରେ କୋଭିଡ୍-୧୯ର ନିୟମାବଳୀ ପାଳନ କରିବା ନିମନ୍ତେ ବାରମ୍ବାର ମାଇକ୍ ଯୋଗେ ସୂଚନା ଦେବାକୁ କୁହାଯାଇଛି। ସଂପୃକ୍ତ ସମ୍ଭାବ୍ୟ ପ୍ରଭାବିତ ଅଂଚଳର ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ଗର୍ଭବତୀ ମହିଳା ଓ ପ୍ରସୂତି ମା' ମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନାନ୍ତର ହୋଇଥିବା ଜନସାଧାରଣଙ୍କ ପାଇଁ ମାଗଣା ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଆଲୋକ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସହ ବୃଦ୍ଧାବୃଦ୍ଧା, ଶିଶୁ, ପ୍ରସୂତି ଓ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଶୁଖିଲା ଖାଦ୍ୟ ଯଥା ବିସ୍କୁଟ, ଚୂଡା, ଛତୁଆ, ଗୁଡ, ଦୁଗ୍ଧ ପାଉଡର ଇତ୍ୟାଦି ଯୋଗାଇ ଦେବାକୁ କୁହାଯାଇଛି।

କୋଭିଡ୍-୧୯ ସଂକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଜନଗହଳି ସ୍ଥାନରୁ ଅଗ୍ନିଶମ ବାହିନୀ/ ଓଡ୍ରାଫ/ ଏନ୍‌ଡିଆରଏଫ୍ କର୍ମଚାରୀମାନେ ଯଥାସମ୍ଭବ ଦୂରେଇ ରହିବାକୁ କୁହାଯାଇଛି। ଏହି କର୍ମଚାରୀ ମାନଙ୍କୁ ପିପିଇ କିଟ୍ ପ୍ରଦାନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ବ୍ୟବସ୍ଥା କରିବେ। ଏହି ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଏକ ଚେକ୍‌ଲିଷ୍ଟ ଜିଲ୍ଲା ପ୍ରଶାସନ ତରଫରୁ ଏସ୍‌ଆରସି ଙ୍କୁ ପ୍ରଦାନ କରିବାକୁ କୁହାଯାଇଛି।

ବାତ୍ୟା ପରେ ରିଲିଫ୍, ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସମସ୍ତ ସଂପୃକ୍ତ ବିଭାଗକୁ ଆବଶ୍ୟକ ଯନ୍ତ୍ରପାତି ଓ ମାନବ ସମ୍ବଳ ସହିତ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।